# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 19th September - 2024

### News Editor : *Itishree Singh Rathaur*

*************************************

## ମୁଖ୍ୟ ସମ୍ବାଦ

- ଆଗାମୀ ଦଶନ୍ଧି ଭିତ୍ତିଭୂମି ନିର୍ମାଣ ଦଶନ୍ଧି ହେବ; କହିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

— ନୂଆ ସରକାରର ୧୦୦ ଦିନ ପୂର୍ତ୍ତି ଅବସରରେ ପୁରୀରେ ରାଜ୍ୟସ୍ତରୀୟ ସମାରୋହରେ ଯୋଗଦାନ ସହ ବିକାଶମେଳା ପ୍ରଦର୍ଶନୀର କଲେ ଉଦ୍‌ଘାଟନ ।

- ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିପାଇଁ ପୋର୍ଟାଲ୍ ଓ ଆପ୍ ମାଧ୍ୟମରେ ଆରମ୍ଭ ହେଲା ପଞ୍ଜୀକରଣ ।

- କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ଭୁବନେଶ୍ୱରରେ ଅନୁଷ୍ଠିତ ହେବ ପୂର୍ବାଞ୍ଚଳ ରାଜ୍ୟମାନଙ୍କ ବୈଠକ ।

ଏବଂ

- ରତ୍ନଭଣ୍ଡାରର ବୈଷୟିକ ସର୍ବେକ୍ଷଣ ଆସନ୍ତା ୨୪ ତାରିଖ ସୁଦ୍ଧା ଶେଷ କରିବାକୁ ଏ.ଏସ୍.ଆଇ.କୁ ପତ୍ର ଲେଖିଲେ ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।

*Desk*

# ରାଜ୍ୟ ସରକାର - ୧୦୦ ଦିନ ପୂର୍ତ୍ତି

ଆଗାମୀ ଦଶନ୍ଧି ଭିତ୍ତିଭୂମି ନିର୍ମାଣର ଦଶନ୍ଧି ହେବ । ଏହି ସମୟ ମଧ୍ୟରେ ସମୃଦ୍ଧ ଓଡ଼ିଶା ଗଠନ ହେବ ବୋଲି ପୁରୀ ଶରଧାବାଲିରେ ନୂଆ ସରକାର ଗଠନର ୧୦୦ ଦିନ ପୂର୍ତ୍ତି ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଶ୍ରଦ୍ଧାଳୁଙ୍କ ପାଇଁ ପୁରୀ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯାଇଛି । ଏହାସହ ରତ୍ନଭଣ୍ଡାରର ଅଳଙ୍କାର ସ୍ଥାନାନ୍ତରଣ କରାଯାଇଛି। ରାଜ୍ୟ ସରକାର ଶ୍ରୀମନ୍ଦିର ବିକାଶ ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରିଛନ୍ତି। ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଟଙ୍କାର ପାଣ୍ଠିକୁ ଅନୁମୋଦନ ଦିଆଯାଇଛି। ରାଜ୍ୟ ସରକାରଙ୍କର ୧୦୦ ଦିନର ଉପଲବ୍ଧିକୁ ନେଇ ଶ୍ରୀ ମାଝୀ କହିଛନ୍ତି, ଆଦିବାସୀ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ଛାଡୁଥିବାକୁ ରୋକିବା ପାଇଁ ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ ଛାତ୍ରଛାତ୍ରୀମାନଙ୍କୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଛି। ଜନଶୁଣାଣିକୁ ସରକାର ଅଗ୍ରାଧିକାର ଦେଉଛନ୍ତି । କୃଷିକ୍ଷେତ୍ରରେ ଚାଷୀମାନଙ୍କୁ ସହାୟତା ଲାଗି ବଜେଟ୍‌ରେ ସିଏମ୍ କିଷାନ ଯୋଜନାରେ ରାଜ୍ୟର ୪୬ ଲକ୍ଷ ଚାଷୀଙ୍କୁ ୨ ହଜାର ଟଙ୍କାର ପ୍ରଥମ କିସ୍ତି

ପ୍ରଦାନ କରାଯାଇଛି। ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର ୧୦୦ ଟଙ୍କା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଖାଲି ପଡ଼ିଥିବା ୧୬ ହଜାର ଶିକ୍ଷକ ପଦବୀ ପୂରଣ, ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୫ ବର୍ଷ ମଧ୍ୟରେ ୫୦ ହଜାର ଟଙ୍କା ଲେଖାଏଁ ରାଜ୍ୟ ସରକାର ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବିକଶିତ ଭାରତ ଗଠନରେ ଓଡ଼ିଶା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶାବ୍ୟକ୍ତ କରିଛନ୍ତି। ଦୁର୍ନୀତି ମାମଲାରେ ସରକାର କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ପୁରୀ ଗସ୍ତ ସମୟରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୀଳାଚଳ ହାଟରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆୟୋଜିତ ବିକାଶ ମେଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି ।

***IPR***

## ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ପାଇଁ ଆଜିଠାରୁ ଜନଶୁଣାଣି ପୋର୍ଟାଲ୍ ଅଥବା ଜନଶୁଣାଣି ମୋବାଇଲ ଆପ୍ ମାଧ୍ୟମରେ ପଞ୍ଜୀକରଣ ଆରମ୍ଭ ହୋଇଛି । ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ସୋମବାର ୨୩ ତାରିଖ ଦିନ ଭୁବନେଶ୍ୱର ୟୁନିଟ୍ ୫ ସ୍ଥିତ

ସରକାରୀ ବାସଭବନରେ ଜନଶୁଣାଣି କରିବେ । ସେହିଦିନ ପୂର୍ବରୁ ପଞ୍ଜୀକରଣ କରିଥିବା ସର୍ବାଧିକ ହଜାରେ ଜଣ ଆବେଦନକାରୀଙ୍କ ସେ ଅଭିଯୋଗ ଶୁଣିବେ ବୋଲି ଜଣାପଡ଼ିଛି ।

***PIB***

## ଶ୍ରମ ଓ ନିୟୋଜନ - ବୈଠକ

କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରରେ ଓଡ଼ିଶା ସମେତ ପୂର୍ବାଞ୍ଚଳ ରାଜ୍ୟମାନଙ୍କର ଆଞ୍ଚଳିକ ବୈଠକ ଆସନ୍ତାକାଲି ଅନୁଷ୍ଠିତ ହେବ । ଏଥିରେ ଶ୍ରମ ସଂସ୍କାର, ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଓ ନିଯୁକ୍ତି ଉପରେ ଆଲୋଚନା ହେବ । ମନ୍ତ୍ରଣାଳୟର ସଚିବ ସୁମିତା ଦାୱରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗଦେବେ ।

***Desk***

## ସ୍ୱାସ୍ଥ୍ୟମନ୍ତ୍ରୀ - ଓ.ଏମ୍.ୟୁ.

ରାଜ୍ୟରେ ଡାକ୍ତରୀ ଚିକିତ୍ସା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସରକାର ୬ଟି ବିଶ୍ୱବିଦ୍ୟାଳୟ ସହ ଚୁକ୍ତିନାମା ସ୍ୱାକ୍ଷରିତ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର

ମୁକେଶ ମହାଲିଙ୍ଗ ସୂଚନା ଅନୁସାରେ, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସହିତ ଡାକ୍ତରୀ ଚିକିତ୍ସାର ଉନ୍ନତ ଗବେଷଣା ପାଇଁ ରାଜିନାମା ହୋଇଛି। ଆୟୁର୍ବେଦ ଏବଂ ହୋମିଓପ୍ୟାଥି ସହିତ ଏଲୋପାଥି ଗବେଷଣା ପାଇଁ ସରକାର ଚୁକ୍ତିନାମା ସ୍ୱାକ୍ଷରିତ କରିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଏହା ବ୍ୟତୀତ ରାଜ୍ୟର ସବୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ୫ ବର୍ଷ ମଧ୍ୟରେ ଲକ୍ଷ୍ୟ ପୂରଣ ପାଇଁ ସରକାର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରୁଛନ୍ତି। ତାଳଚେର ଏବଂ କନ୍ଧମାଳରେ ଦୁଇଟି ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଡକ୍ଟର ମହାଲିଙ୍ଗ୍ କହିଛନ୍ତି ।

***Sambalpur/R***

## ସମୀକ୍ଷା ବୈଠକ

ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଆଜି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଗସ୍ତରେ ଯାଇ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି । ବୈଠକରେ ମୁଖ୍ୟତଃ ଜଳଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ, ରାସ୍ତାଘାଟ, ସ୍ୱାସ୍ଥ୍ୟସେବା, ସାଧାରଣ ବଣ୍ଟନ ଆଦି ବିଷୟରେ ସମୀକ୍ଷା କରାଯାଇଥିଲା ।

*Puri/R*

# ଶ୍ରୀମନ୍ଦିର - ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ବାକି ଥିବା ବୈଷୟିକ ସର୍ଭେ କାର୍ଯ୍ୟ ଆସନ୍ତା ୨୪ ତାରିଖ ସୁଦ୍ଧା ଶେଷ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ୍.ଆଇ.ର ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି । ରତ୍ନଭଣ୍ଡାରର ନିରୀକ୍ଷଣ ତଥା ବୈଷୟିକ ସର୍ଭେ କାର୍ଯ୍ୟ ଶେଷ ହେବା ପରେ ଏ.ଏସ୍.ଆଇ. ପକ୍ଷରୁ ଏହାର ମରାମତି କରାଯିବ । ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ବାହାର ଓ ଭିତର ରତ୍ନଭଣ୍ଡାରର ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍‌କୁ ସ୍ଥାନାନ୍ତରିତ ହୋଇସାରିଛି । ଏ.ଏସ୍.ଆଇ. ମରାମତି କାର୍ଯ୍ୟ ଶେଷ କରିବା ପରେ ଅଳଙ୍କାରର ଗଣତି କରାଯାଇପାରିବ ବୋଲି ଡକ୍ଟର ପାଢ଼ୀ କହିଛନ୍ତି । ବୈଷୟିକ ସର୍ଭେ ସମୟରେ ଯେପରି ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ପ୍ରଭାବ ନ ପଡ଼ିବ, ସେଥିପ୍ରତି ଦୃଷ୍ଟି ଦେବାକୁ ଶ୍ରୀମନ୍ଦିର ପ୍ରଶାସକ ପତ୍ରରେ ଉଲ୍ଲେଖ କରିଛନ୍ତି । ସୂଚନାଯୋଗ୍ୟ, ଗତକାଲି ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ କାର୍ଯ୍ୟ ହୋଇଥିଲା ।

*Desk*

# ରେଳଲାଇନ୍ ଦୋହରୀକରଣ

ରୁପ୍‌ସା-ବାରିପଦା-ବାଙ୍ଗିରିପୋଷି ରେଳ ସେକସନ୍‌ର ଅଣାନବେ କିଲୋମିଟର ରେଳଲାଇନ୍ ଦୋହରୀକରଣ ଚୂଡ଼ାନ୍ତ ସର୍ବେକ୍ଷଣ ପାଇଁ ରେଳ ମନ୍ତ୍ରଣାଳୟ ମଞ୍ଜୁରୀ ପ୍ରଦାନ କରିଛି। ଏଥିପାଇଁ ୧ କୋଟି ୭୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସର୍ଭେ ସହ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବାକୁ ପଦକ୍ଷେପ ନିଆଯାଉଛି। ଗତ ଜାନୁଆରୀ ୧୩ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଗସ୍ତ ଅବସରରେ ଏହି ରେଳଲାଇନ୍‌ର ଦୋହରୀକରଣ ପାଇଁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଦୋହରୀକରଣ ଦ୍ୱାରା ରେଳ ଯୋଗାଯୋଗରେ ଉନ୍ନତି ଆସିବା ସହ ସେହି ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି ରେଳମନ୍ତ୍ରୀ କହିଛନ୍ତି।

*Sambalpur/R*

# ଜମିପଟ୍ଟା ବଣ୍ଟନ

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର ପରିସରରୁ ବିସ୍ଥାପିତ ହୋଇଥିବା ୨୭ଜଣ ପୂଜକ ପରିବାରକୁ ଆଜି ପ୍ରଶାସନ ପକ୍ଷରୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି । ସୂଚନାଯୋଗ୍ୟ, ସମଲେଇ ପ୍ରକଳ୍ପ

ନିର୍ମାଣ ସମୟରେ ପୁଜକମାନଙ୍କୁ ବିସ୍ଥାପିତ କରାଯାଇ ନୂଆ ଜାଗା ଦିଆଯାଇଥିଲେ ମଧ୍ୟ ସେମାନଙ୍କୁ ଜମିପଟ୍ଟା ମିଳି ନ ଥିଲା ।

***PIB***

## ସ୍ୱଚ୍ଛ ଭାରତ ଅଭିଯାନ ୪.୦

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧିଜୟନ୍ତୀ ଅବସରରେ "ସ୍ୱଚ୍ଛତାରେ ସୁଧାର" ଅଭିଯାନର ଆରମ୍ଭ ହେବ । ଏହି ଅଭିଯାନ ମାଧ୍ୟମରେ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତାକୁ ନେଇ ସଚେତନତା ସୃଷ୍ଟି କରାଯିବ ।

***Sambalpur, Khurda/R***

## ସ୍ୱଚ୍ଛତା ରଥ

ସମ୍ବଲପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅଧୀନରେ ଏକ ସ୍ୱତନ୍ତ୍ର ରଥର ଶୁଭାରମ୍ଭ କରାଯାଇଛି । ରଥଟି ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଜନ ଜାଗରଣ ସୃଷ୍ଟି କରିବ ।

ସେହିପରି ଖୋର୍ଦ୍ଧାରୋଡ୍ ଡିଭିଜନ ଭାରତୀୟ ରେଳବାଇଦ୍ୱାରା ସ୍ୱଚ୍ଛତା ହିଁ ସେବା ଅଭିଯାନ ପାଳନ କରାଯାଇଛି । ଖୋର୍ଦ୍ଧାରୋଡ୍ ମଣ୍ଡଳ,

ରେଳଷ୍ଟେସନ ପରିସର, ରେଳ ଡାକ୍ତରଖାନା ଏବଂ ରେଳବାଇ ଆବାସିକ ଅଞ୍ଚଳରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ପୂର୍ବତଟ ରେଳବାଇ ଏବଂ ଭାରତ ସ୍କାଉଟ୍ ଓ ଗାଇଡ୍ - ଖୋର୍ଦ୍ଧାରୋଡ୍‌ର ଛାତ୍ରଛାତ୍ରୀମାନଙ୍କଦ୍ୱାରା ୱାକାଥନ ଆୟୋଜନ କରାଯାଇଛି ।

*Sonepur/R*

## ସ୍ୱଚ୍ଛା ହିଁ ସେବା ଅଭିଯାନ

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଛାତ୍ରଛାତ୍ରୀମାନେ ସଚେତନତାର ବାର୍ତ୍ତା ନେଇ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ ।

*Boudh/R*

## ବିକାଶ ମେଳା

ବୌଦ୍ଧଠାରେ ଆସନ୍ତା ଶନିବାରଠାରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବିକାଶ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆଜି ବିକାଶ ମେଳାପାଇଁ ଏକ

ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା । ଜିଲ୍ଲାର ସମସ୍ତ ବ୍ଲକ୍‌ରେ ବିକାଶମେଳା ରଥ ପରିକ୍ରମା କରି' ରାଜ୍ୟ ସରକାରଙ୍କ ୧୦୦ ଦିନର କାର୍ଯ୍ୟକାଳ ମଧ୍ୟରେ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କମାନଙ୍କୁ ସଚେତନ କରିବ ।

*Gajapati/R*

## ଜିଲ୍ଲା ପରିଷଦ ବୈଠକ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ୫୨ତମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକ ପରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅବସରରେ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ଏବଂ ଅଧିକାରୀମାନେ ସ୍ୱଚ୍ଛତା ହିଁ ସେବାର ଆବଶ୍ୟକତା ଏବଂ ସ୍ୱଚ୍ଛତାପାଇଁ ଶପଥପାଠ କରିଥିଲେ ।

*HS*

## ଆୟୁଷ୍ମାନ ଆରୋଗ୍ୟ ଶିବିର

ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପିତଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଭାରତ ଶିବିର ଉଦ୍‌ଘାଟିତ ହୋଇଛି । ଶିବିରରେ ମାଗଣାରେ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା ।

*Nabarangpur/R*

## ଫୁଟ୍‌ବଲ୍ ପ୍ରତିଯୋଗିତା

ନବରଙ୍ଗପୁର ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଉମରକୋଟଠାରେ ୬୮ତମ ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ ଫୁଟ୍‌ବଲ୍ ପ୍ରତିଯୋଗିତାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରତିଯୋଗିତାରେ ୩୦ଟି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି ।

*Desk*

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି । ତେବେ ଆସନ୍ତା ରବିବାରଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି ।

ଅପରପକ୍ଷରେ ଚଳିତ ମୌସୁମୀ ଋତୁରେ ରାଜ୍ୟରେ ସ୍ୱାଭାବିକ ବର୍ଷା ତୁଳନାରେ ୮ ପ୍ରତିଶତ କମ୍ ବର୍ଷା ହୋଇଛି । ଜୁନ୍ ମାସ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ୧ ହଜାର ମିଲିମିଟର ବର୍ଷା ହୋଇଛି । ରାଜ୍ୟର ୧୯ଟି ଜିଲ୍ଲାରେ

ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୧୦ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି ।

*****